# ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭରମ୍ଭ

ପ୍ରବାସୀ ଶ୍ରମିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସହାୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ଜିଲ୍ଲାର ସମସ୍ତ ଅଞ୍ଚଳ ବୁଲି ଅନ୍ୟରାଜ୍ୟ ପ୍ରବାସୀ ଶ୍ରମିକ ଆଇନ୍ ୧୯୭୭ରେ ଥିବା ସମସ୍ତ ସୁବିଧା ସୁଯୋଗ ଓ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବ। ପ୍ରତି ଶ୍ରମିକଙ୍କୁ ଠିକାଦାର ଗୋଟିଏ ପରିଚୟ ପତ୍ର ଦେବା ଆବଶ୍ୟକ। ଶ୍ରମିକଙ୍କୁ ଓଡିଶା ବାହାରକୁ ନେବା ପୂର୍ବରୁ ଠିକାଦାରଙ୍କ ଲାଇସେନ୍ସ ଥିବା ଆବଶ୍ୟକ । ପ୍ରବାସୀ ଶ୍ରମିକ ନିଜର ନାମ ,କେଉଁଯାଗାକୁ ଓ କେତେ ଦିନ ପାଇଁ ଯିବେ, ଠିକାଦାରଙ୍କ ସହିତ କିମ୍ବା ସ୍ୱ-ଇଚ୍ଛାରେ ଯାଉଥିଲେ ଏ ସମ୍ବନ୍ଧରେ ସୂଚନା ଗ୍ରାମ ପଞ୍ଚାୟତରେ ଜଣାଇବାକୁ ପଡିବ। ଠିକାଦାରଙ୍କ ସହିତ ବାହାରକୁ କାମ କରିବକୁ ଗଲେ ଠିକାଦାର ଶ୍ରମିକଙ୍କ ଯାତାୟତ ଭତା ବହନ କରିବେ ଓ ତାହା ମଜୁରୀରୁ କଟାଯାଇପାରିବ ନାହିଁ। ଯାହା ସହ ଠିକାଦାର ସ୍ଥାନାନ୍ତର ଭତ୍ତା ପ୍ରଦାନ କରିବା ଆଇନରେ ଅଛି। ମଜୁରୀ ଚୁକ୍ତି ଅନୁସାରେ ଦୈନିକ, ସାପ୍ତାହିକ ଓ ମାସିକ ଭିତ୍ତିରେ ଦିଆଯିବା ଉଚିତ୍। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ , ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଦ୍ମନାଭ ସାମନ୍ତରାୟ , ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଅରବିନ୍ଦ ବେହେରା, ଯୁଗ୍ମ ଶ୍ରମ କମିଶନ ଶ୍ରୀ ମହେଶ୍ୱର ନାଏକ, ଡିଭିଜନାଲ୍ ଶ୍ରମ ଅଧିକାରୀ ଶ୍ରୀମତୀ ଇତିଶ୍ରୀ ଗାଗରାଇ ଏବଂ ଅନୁଗୋଳ ଓ ତାଳଚେରର ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୬୬୨/ଦି.୨୮.୧୧.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

28/11/23

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ ।

